# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**2 January - 2026**

**********************************

# ଧାନ ସଂଗ୍ରହ

ରାଜ୍ୟର ୧୮ଟି ଜିଲ୍ଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଜାରି ରହିଛି । ସରକାରୀ ସୂଚନା ଅନୁସାରେ ଗତକାଲି ସୁଦ୍ଧା ୨ଲକ୍ଷ ୪୯ ହଜାର ୮୮୮ଜଣ ଚାଷୀଙ୍କ ଠାରୁ ୧୧ଲକ୍ଷ ୧୦ହଜାର ୬ଶହ ମେଟ୍ରିକ ଟନ୍‌ରୁ ଅଧିକ ଧାନ ସଂଗ୍ରହ ହୋଇଛି । ଧାନକ୍ରୟ ବାବଦରେ ସରକାର ଅଦ୍ୟାବଧି ସର୍ବନିମ୍ନ ସହାୟକ ମୂଲ୍ୟ ବାବଦରେ ୧ହଜାର ୯୬୧କୋଟି ଟଙ୍କା ଏବଂ ଇନ୍‌ପୁଟ ସହାୟତା ବାବଦରେ ଚାଷୀମାନଙ୍କୁ ପୈଠ କରିଛନ୍ତି ।

# ବିହାର ମୁଖ୍ୟ ବିଚାରପତି

ଓଡ଼ିଶା ହାଇକୋର୍ଟର ବରିଷ୍ଠ ବିଚାରପତି ସଂଗମ କୁମାର ସାହୁଙ୍କୁ ବିହାରର ପାଟନା ହାଇକୋର୍ଟରେ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ମିଳିଛି । ସୁପ୍ରିମକୋର୍ଟ କଲେଜିୟମ ସୁପାରିଶ ଆଧାରରେ ଜଷ୍ଟିସ ସାହୁଙ୍କ ନିଯୁକ୍ତି ସମ୍ପର୍କିତ ବିଜ୍ଞପ୍ତି ଗତକାଲି କେନ୍ଦ୍ର ଆଇନ୍ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ ପାଇଛି । ୨୦୧୪ ମସିହା ଜୁଲାଇ ୨ ତାରିଖରେ ଜଷ୍ଟିସ ଦାସ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ ।

# ପିଏମ୍ ପୋଷଣ-ମଧ୍ୟାହ୍ନ ଭୋଜନ

ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ମଧ୍ୟାହ୍ନ ଭୋଜନ ସାମଗ୍ରୀ ଖର୍ଚ୍ଚ ବୃଦ୍ଧି କରାଯାଇଛି । ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କ ପାଇଁ ଜଣ ପିଛା ୧୪ଟଙ୍କା ୭୪ ପଇସାକୁ ବୃଦ୍ଧି କରାଯାଇଛି । ବିଗତ ବର୍ଷ ମଇ ପହିଲାରୁ ବର୍ଦ୍ଧିତ ଦର ଲାଗୁ କରାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ରାଜ୍ୟ ପ୍ରକଳ୍ପ ପରିଚାଳନା ୟୁନିଟ୍ - ପିଏମ୍ ପୋଷଣ ପକ୍ଷରୁ ସମସ୍ତ ଶିକ୍ଷାଧିକାରୀମାନଙ୍କୁ ଅବଗତ କରାଯାଇଛି ।

# ଆଇଏଏସ୍ ସ୍ତରରେ ଅଦଳବଦଳ

ରାଜ୍ୟ ସରକାର ବରିଷ୍ଠ ଆଇଏଏସ୍ ସ୍ତରରେ ଅଦଳବଦଳ କରିଛନ୍ତି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଦେଓରଞ୍ଜନ କୁମାର ସିଂହଙ୍କୁ ରାଜ୍ୟ ଉନ୍ନୟନ ଆୟୁକ୍ତ ଭାବେ ନିଯୁକ୍ତ କରାଯାଇଛି । ଗୃହ ଏବଂ ବନବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁଙ୍କୁ ରାଜସ୍ୱ ପରିଷଦର ସଦସ୍ୟଭାବେ ନିଯୁକ୍ତି ମିଳିଛି । ଏହାବ୍ୟତୀତ ବିଭିନ୍ନ ବିଭାଗର ପ୍ରମୁଖ ଅଧିକାରୀମାନଙ୍କର ବିଭାଗରେ ଅଦଳବଦଳ କରାଯାଇଛି ।

# ଗଞ୍ଜାମ ଜିଲ୍ଲାକୁ ସଫଳତା

ଜନସାଧାରଣଙ୍କୁ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ସେବା ଯୋଗାଇଦେବା, ଅନ୍‌ଲାଇନ୍‌ରେ ମାମଲା ପଞ୍ଜିକରଣ ଏବଂ ସେଗୁଡ଼ିକର ତ୍ୱରିତ ସମାଧାନ ସମ୍ପର୍କିତ ରିପୋର୍ଟରେ ଗଞ୍ଜାମ ଜିଲ୍ଲାକୁ ସଫଳତା ମିଳିଛି । କ୍ରାଇମ୍ ଆଣ୍ଡ୍ କ୍ରିମିନାଲ ଟ୍ରାକିଂ ନେଟଓ୍ୱର୍କ ସିଷ୍ଟମର ରିପୋର୍ଟରେ ଗଞ୍ଜାମ ଜିଲ୍ଲା ପୋଲିସର ୬ଟି ଥାନା ପ୍ରଥମ ୧୦ଟି ମଧ୍ୟରେ ସ୍ଥାନ ପାଇଛି । ପ୍ରଥମ ସ୍ଥାନରେ ଗଞ୍ଜାମ ଥାନା ଥିବା ନେଇ ରିପୋର୍ଟରେ ଦର୍ଶାଯାଇଛି ।

# ବାର୍ଷିକୋତ୍ସବ

ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଘଣ୍ଟେଶ୍ୱର ମହାବିଦ୍ୟାଳୟର ୩୪ତମ ବାର୍ଷିକଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ ଉଚ୍ଚଶିକ୍ଷା ଓ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବାକୁ ସଂକଳ୍ପବଦ୍ଧ ହୋଇଥିଲେ । ୨୦୪୭ ବେଳକୁ ଯୁବପିଢ଼ୀ ଅମୃତଭାରତ ଦେଖିବେ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଥିଲେ ।

# ବିଦ୍ୟୁତ୍ ସଂଯୋଗ

ନୟାଗଡ ଜିଲ୍ଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ ନେପାଳ ଗ୍ରାମର ଲୋକମାନେ ପ୍ରଥମଥର ବିଜୁଳି ଆଲୁଅ ଓ ଜଳଯୋଗାଣର ସୁବିଧା ପାଇଛନ୍ତି । ଘନ

ଜଙ୍ଗଲ ଏବଂ ହାତୀପ୍ରବଣ ଏହି ଅଞ୍ଚଳରେ ମାତ୍ର ୪୦ଟି ପରିବାର ବସବାସ କରନ୍ତି । ପୁରୀ ସାଂସଦ ଡକ୍ଟର ସମ୍ବିତ ପାତ୍ର ଗ୍ରାମରେ ବିଦ୍ୟୁତ୍ ସଂଯୋଗର ଶୁଭାରମ୍ଭ କରିଥିଲେ ।

## ଲୋକନୃତ୍ୟ ଉଦ୍‌ଘାଟନ

ସୁବର୍ଣ୍ଣପୁର ସୁରେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଜାତୀୟ ପାରମ୍ପରିକ ଲୋକନୃତ୍ୟ ଓ ଗୀତର ମହାପାର୍ବଣ ପଏଁରୀ ତିହାର ୨୦୨୬କୁ ଜିଲ୍ଲାପାଳ ନୃପରାଜ ସାହୁ ଗତକାଲି ଉଦ୍‌ଘାଟନ କରିଛନ୍ତି । ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ, ସଂଗୀତ ନାଟକ ଏକାଡେମୀ ଏବଂ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ସହାୟତାରେ ଏହି ତ୍ରିଦିବସୀୟ କାର୍ଯ୍ୟକ୍ରମ ଆସନ୍ତାକାଲି ପର୍ଯ୍ୟନ୍ତ ଚାଲିବ ।

## ସଡ଼କ ସୁରକ୍ଷା ମାସ

ନୟାଗଡ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜାତୀୟ ସଡ଼କ ସୁରକ୍ଷା ମାସର ପ୍ରଥମ ଦିନରେ ସଚେତନତା ବୈଠକ, ପାଲା ଏବଂ ର୍‍ୟାଲିର ଆୟୋଜନ କରାଯାଇଛି । ଦୁଇଚକିଆ ଯାନରେ ହେଲମେଟ ପିନ୍ଧିବା, ଚାରିଚକିଆ ଯାନରେ ସିଟ୍‌ବେଲ୍ଟ ବ୍ୟବହାର, ଗାଡ଼ିର ଅନ୍ୟାନ୍ୟ ଯାନ୍ତ୍ରିକ ସ୍ଥିତି ଯାଞ୍ଚ କରିବା ଏବଂ ସରକାରଙ୍କ ନିର୍ଦ୍ଦେଶାବଳୀକୁ ଅନୁପାଳନ କରିବାକୁ ବୈଠକରେ ଆଲୋଚନା ହୋଇଥିଲା ।

# କୁମ୍ଭୀର ଗଣନା

ଅନୁଗୁଳ ଜିଲ୍ଲାର ସାତକୋଶିଆ ବନଖଣ୍ଡ ଅନ୍ତର୍ଗତ ଟିକରପଡାଠାରେ ଆସନ୍ତା ୪ ତାରିଖ ରବିବାରଠାରୁ କୁମ୍ଭୀର ଓ ପକ୍ଷୀଗଣନା କରାଯିବ । ଆସନ୍ତା ୪ ତାରିଖରୁ ୮ ତାରିଖ ଏବଂ ୧୭ ଓ ୧୮ ତାରିଖ ପର୍ଯ୍ୟନ୍ତ ଗଣନା ଜାରି ରହିବ । ଗଣନା ସମୟରେ ପର୍ଯ୍ୟଟକଙ୍କ ନିମନ୍ତେ ସାତକୋଶିଆ ବନ୍ଦ ରହିବ । ରାଜ୍ୟର ୪ଟି ବନଖଣ୍ଡର କର୍ମଚାରୀମାନେ ଏହି ଗଣନା କାର୍ଯ୍ୟରେ ସାମିଲ ହେବେ ବୋଲି ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀଙ୍କ ସୂତ୍ରରୁ ଜଣାପଡିଛି ।

# ପାଣିପାଗ

ଭୁବନେଶ୍ୱର ପାଣିପାଗ ବିଭାଗର ସୂଚନା ଅନୁସାରେ ଗତ ଡିସେମ୍ବର ମାସରେ ଦେଶରେ ସବୁଠାରୁ ଅଧିକ ଦିନ ଓଡ଼ିଶାରେ ଘନକୁହୁଡି ଦୃଶ୍ୟମାନ ହୋଇଥିଲା । ଡିସେମ୍ବର ମାସର ମୋଟ୍ ୩୧ଦିନ ମଧ୍ୟରୁ ୨୬ଦିନ ଘନକୁହୁଡି ଦେଖାଦେଇଥିଲା । ହିମାଚଳପ୍ରଦେଶ, ଆସାମ, ମେଘାଳୟରେ ଦ୍ୱିତୀୟ ସର୍ବାଧିକ ୨୩ଦିନ ଘନକୁହୁଡି ଦେଖାଦେଇଥିଲା । ଆସନ୍ତା କିଛିଦିନ ମଧ୍ୟରେ ରାତିର ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ ଏବଂ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ଘନକୁହୁଡି ଦୃଶ୍ୟମାନ ହେବ ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି ।